ବୟସ୍କଙ୍କ ପାଇଁ ଚିତ୍ତବିନୋଦନ ଭିତ୍ତିକ ତ୍ରୟମାସିକ ପତ୍ରିକା

# ବରିଷ୍ଠ ବାଣୀ

# BARISTHA BANI


Newsletter of Elders Recreation Activities Trust

Vol.- II • Issue - I • RNI Regd. No. ODIBIL2022/83062 • January-March, 2023





**Let's just all work together to make Odisha a better place.**


Website : www.eraindia.org.in

E-mail : eraindianet@gmail.com


Elder Recreation era ACTIVITIES

Regd. No. 41081913621/19



Release of Baristha Bani- Vol-1, Issue- 2 for Oct. to Dec.'23



Digital Safety Training at ERA Office, Niharika Appartment




Executive Body meeting of AISCCON at Sambalpur, Odisha



Picnic with members of ERA at Dalijoda dense forest



*Felicitation to Er. K.C. Sahoo, President, Sr.Ctzn. Forum, Chakeisiani for outstanding social work*

# BARISTHA BANI

**ବୟସ୍କମାନଙ୍କ ପାଇଁ ଚିତ୍ତବିନୋଦନ ଭିତ୍ତିକ ତ୍ରୈମାସିକ ପତ୍ରିକା**

Regn No. 41081913621/19, Affiliated with All India Senior Citizens' Confederation
NGO Enrol ID : DARPAN-OR/2020/0264465, MOSJ&E-OR/00023031, SSEPD 111342/2020

ଦ୍ୱିତୀୟ ବର୍ଷ | ପ୍ରଥମ ସଂଖ୍ୟା | ଜାନୁଆରୀ-ମାର୍ଚ୍ଚ ୨୦୨୩


## ପରିଚାଳନା ମଣ୍ଡଳୀ


*Chief Advisor*
**Sj. Krupasindhu Sahoo**
Mob. 9937132992

*Advisor*
**Er. Bsanata Mishra**
Mob. 9437000452

*Advisor*
**Advocate Narendra Kishore Mishra**
Mob. 9437033611

*Editor*
**Sj. Prafulla Kumar Mohapatra**
Mob. 8895265933

*Co-Editor*
**Sj. Krushna P. Mohanty**
Mob. 7008285603

*Managing Editor*
**Sj. Sitanath Sahoo**
Mob. 9437002217

*Ex-Officio Members*
**Dr. Udayanath Sahu**
Chairman
Mob. 9438081006

**Er. Krushna Ch. Sahoo**
(President)
Mob. 9437075625

**Dr. Shiva Prasad Behera**
(Vice-President)
Mob. 9437151347

**Dr. Sushil Ku. Nanda**
(Vice-President)
Mob. 9437196720

**Sj. Sarat Chandra Mohanty**
(Treasurer)
Mob. 7008927372

**OFFICE**
Elder-Recreation ActivitiesTrust
Niharika Appartment
Under Gr. Floor, Room No.1
Cuttack Road, Bhubaneswar-06
Mob. 9337221866
Web : eraindia.org.in
Mail : eraindianet@gmail.com


## ସୂଚୀପତ୍ର


| | | |
|---|---|---|
| 1. | ସମ୍ପାଦକୀୟ | 2 |
| 2. | ସଭାପତିଙ୍କ କଲମରୁ | 3 |
| 3. | News Flash | 4 |
| 4. | Association News | 7 |
| 5. | Millet (ବାଜରା-ଜୁଆର-ମାଣ୍ଡିଆ) | 15 |
| 6. | ବୋଉ | 18 |
| 7. | କେ ଜାଣେ କାହାର... | 20 |
| 8. | Divine Message of Swami Sivananda | 22 |
| 9. | ବିଶ୍ୱର ଶ୍ରେଷ୍ଠ ବିତ୍ତଶାଳୀ ମନ୍ଦିର କେରଳର ଅନନ୍ତ ପଦ୍ମନାଭ ମନ୍ଦିର | 23 |
| 10. | Birthday of ERA Members | 26 |
| 11. | List of Members (ERA) | 27 |
| 12. | Form of Declaration | 28 |


●●●

**ELDER REACTION ACTIVITIES - era is publishing it's newsletter "Baristha Bani "since last 3 years without intermission .We achieved new milestone toward recognition of Baristha Bani under the Press and Registration of Books Act, 1867 by THE REGISTRAR OF NEWSPAPERS FOR INDIA - RNI vide registration number ODIBIL/2022/83062. We wish you the best in the years to come !**

**Publisher : BARISTHABANI**


The views and opinions expressed by the contributors of News and articles in this Newsletter may not be the views of the Editors.

# ସମ୍ପାଦକୀୟ

**ପ୍ରଫୁଲ୍ଲ କୁମାର ମହାପାତ୍ର**
ମୋ-୮୮୯୫୨୬୫୯୩୩



ପ୍ରତିବର୍ଷ ଏପ୍ରିଲ ଏକ ତାରିଖ ଆମ ଓଡ଼ିଆଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। କାରଣ ୧୯୩୬ ମସିହା ଏପ୍ରିଲ ଏକ ତାରିଖରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରାଯାଇଥିଲା। ଏହାର ପୂର୍ବ ଇତିହାସକୁ ଅନୁଧ୍ୟାନ କଲେ ଆମେ ଜାଣିବାକୁ ପାଉ, ଓଡ଼ିଶ ଏକଦା କଳିଙ୍ଗ ରାଜ୍ୟର ଏକ ଅଂଶ ଥିଲା। ରାଜା ଅଶୋକ ଖ୍ରୀଷ୍ଟପୂର୍ବ ୨୫୦ରେ ଓଡ଼ିଶାକୁ ପରାସ୍ତ କରିଥିଲେ। ଏହାପରେ ହିନ୍ଦୁ ରାଜବଂଶ ଅଧୀନରେ ପୁରୀ, କୋଣାର୍କ ଓ ଭୁବନେଶ୍ୱର ଭଳି ବିଭିନ୍ନ ସ୍ଥାନରେ ମନ୍ଦିରଗୁଡ଼ିକ ନିର୍ମାଣ କରାଯାଇଥିଲା। ୧୫୭୬ରେ ଉପକୂଳ ଓଡ଼ିଶା ମୋଗଲ ସାମ୍ରାଜ୍ୟର ଅଂଶ ହୋଇଗଲା। କର୍ନାଟିକ୍ ଯୁଦ୍ଧର କିଛି ସମୟ ପରେ ଓଡ଼ିଶା ଦକ୍ଷିଣ ଉପକୂଳ ପୂର୍ବ ଇଣ୍ଡିଆ କମ୍ପାନୀ ଦ୍ୱାରା ମାଡ୍ରାସର ପ୍ରେସିଡେନ୍ସି ସହିତ ମିଶ୍ରିତ ହୋଇଥିଲା। ୧୯୧୨ ମସିହାରେ ଓଡ଼ିଶା ଓ ବିହାର ଗଠନ କରାଯାଇଥିଲା।

ଏହା ପୂର୍ବରୁ ସମ୍ବଲପୁରକୁ ମଧ୍ୟପ୍ରଦେଶରେ ଏବଂ ସିଂହଭୂମି, ସରେଇକଳା ଓ ଖରସୁଆଁକୁ ଅନ୍ୟ ରାଜ୍ୟରେ ମିଶାଇ ଦିଆଗଲା। ଓଡ଼ିଶା ଓ ଓଡ଼ିଆ ଭାଷାକୁ ଭଲପାଉଥିବା ଓଡ଼ିଶାର ମନୀଷୀମାନେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଇଂରେଜଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୨ରେ ଗଠିତ ଉତ୍କଳ ସମ୍ମିଳନୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୧୯୦୩ରେ ଏହାର ପ୍ରଥମ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୨ ଜଣ ସ୍ଥାୟୀ ସଭ୍ୟ ରହିଥିଲେ। ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ଭକ୍ତକବି ମଧୁସୂଦନ ରାଓ, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଭୁବନାନନ୍ଦ ଦାସ, କବିବର ରାଧାନାଥ ରାଏ ପ୍ରମୁଖ ଅନ୍ୟତମ। ଏଇମାନଙ୍କର ଅକ୍ଳାନ୍ତ ଚେଷ୍ଟା ଓ ପରିଶ୍ରମ ଫଳରେ ଆମେ ଆଜି ଆମ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରୂପେ ଦେଖିବାକୁ ପାଉଛେ। ଆମ ଓଡ଼ିଶା ସର୍ବପ୍ରଥମେ ଭାଷାଭିତ୍ତିକ ଏକ ସ୍ୱତନ୍ତ୍ର ରାଜ୍ୟରୂପେ ଗଠନ କରାଯାଇଥିଲା।

ଓଡ଼ିଆ ସଂସ୍କୃତିର ମହନୀୟତା ପାଇଁ ଆଜି ଆମେ ସମସ୍ତ ଓଡ଼ିଆ ଗର୍ବ କରୁ। ଦିନେ ଓଡ଼ିଆ ଲୋକଙ୍କୁ ଓଡ଼ିଆ ଭାଷାକୁ ଅନ୍ୟମାନେ ଘୃଣା କରୁଥିଲେ। ଓଡ଼ିଶା ଏପରି ଏକ ରାଜ୍ୟ, ଯାହାର ଅଧିପତି ହେଉଛନ୍ତି ସ୍ୱୟଂ ଜଗନ୍ନାଥ। ପୂର୍ବେ ଏ ରାଜ୍ୟର ଗୌରବ ଥିଲା ଏବଂ ଆଜି ଦିନରେ ଏହାର ଗୌରବ ଶତଗୁଣରେ ବୃଦ୍ଧିଲାଭ କରିଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଲୋକମାନେ ଉତ୍କର୍ଷତା ଲାଭ କରିବା ସହ ଦେଶର ପ୍ରଗତିର ରାସ୍ତାରେ ଅଲିଭା ଛାପ ଛାଡ଼ିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଛି। ଭାରତର ମହାମହିମ ଆମ ରାଜ୍ୟର ଜେଣ ଆଦିବାସୀ ମହିଳା। ଆମ ରାଜ୍ୟର ଭୀମଭୋଇଙ୍କର ମର୍ମସ୍ପର୍ଶୀ କବିତା 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଛି। କଳା, ସଂସ୍କୃତି, ଭାଷା, ସାହିତ୍ୟ, ଖେଳକୁଦ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ତଥା ରାଜ୍ୟ ହିସାବରେ ଆମେ ପଛରେ ନାହୁଁ।

ତେବେ ଆଜି ଆମେ ସମସ୍ତ ଓଡ଼ିଆ ଗର୍ବରେ ଗାଇବା – ଓଡ଼ିଶା ରାଇଜେ ଜନମ ଆମର
ଗରବେ କହ ଓଡ଼ିଆ
ଆମ ମାତୃଭାଷା ସବୁଠୁ ମଧୁର
ଅଟଇ ବଡ଼ ବଢ଼ିଆ ।''

●●●

# ସଭାପତିଙ୍କ କଲମରୁ

**ଇଂ. କୃଷ୍ଣଚନ୍ଦ୍ର ସାହୁ**
**ମୋ-୯୪୩୭୦୭୫୬୨୫**



ସମୟ ସବୁବେଳେ ପ୍ରବାହମାନ। ଚିରସ୍ରୋତା ନଦୀପରି। ଏ ସୃଷ୍ଟି ପୂର୍ବରୁ ହୁଏତ ଥାଇପାରେ ଏବଂ ଏହାର ବିଲୟ ଅସ୍ପଷ୍ଟ। ଏହି ପ୍ରବାହ ଭିତରେ ଆମର ଜନ୍ମ, ବିଚରଣ ଏବଂ ଶେଷରେ ବିଲୀନ। ତେଣୁ ସମୟ ସହ ତାଳ ମିଳେଇ ନଚାଲିଲେ ନିଜକୁ ପଛରେ ରହିବାକୁ ପଡ଼ିଥାଏ। ସମୟ ଜୀବନକୁ ବଦଳାଇ ଦିଏ। ଏଇ ଯେପରି ଦିନ ପରେ ରାତି ଏବଂ ରାତି ପରେ ଦିନ। ସେହିପରି ଦୁଃଖ ପରେ ସୁଖ କିମ୍ବା ସୁଖ ପରେ ଦୁଃଖ। ପ୍ରକୃତରେ ସମୟ ବଡ଼ ବଳବାନ। ଦୁନିଆକୁ ସମ୍ପୂର୍ଣ୍ଣ ବଦଳେଇ ଦେବାର ଶକ୍ତି ଏହାର ଅଛି। ଆଜିର ସୁନ୍ଦର ସହର କାଲି ହୁଏତ ବିଶାଳ ମରୁଭୂମି ପାଲଟିଯାଏ। ଏପରି ପରିସ୍ଥିତିରେ ସବୁକୁ ମୋର ମୋର ବୋଲି କହିବାର ବୋକାମି ଛଡ଼ା ଆଉ କିଛି ନୁହେଁ। ଶ୍ରୀ ଅରବିନ୍ଦ ଥରେ କହିଥିଲେ 'ସମସ୍ତ ଧନ ସମ୍ପତ୍ତି ଭଗବାନଙ୍କର, ଯେଉଁମାନଙ୍କର ଏ ଜିନିଷ ରହିଛି ସେମାନେ ରକ୍ଷକ ମାତ୍ର, ମାଲିକ ନୁହନ୍ତି, ଆଜି ସେମାନଙ୍କ ପାଖରେ ଅଛି, କାଲି ଅନ୍ୟତ୍ର ଚାଲିଯାଇପାରେ।'

ଜୀବନ ସ୍ରୋତ ନଦୀର ଜଳ ପ୍ରବାହ ପରି। ନଦୀ ଅଙ୍କାବଙ୍କା ରାସ୍ତା ଦେଇ ଶେଷରେ ମହୋଦଧିରେ ନିଜର ଅସ୍ତିତ୍ୱ ହରାଇବସେ। ଆମ୍ଭମାନଙ୍କର ଅବସ୍ଥା ମଧ୍ୟ ସେହିପରି। ଜୀବନକାଳ ଭିତରେ ଜଣେ ନିଜେ ଦୁଃଖ ନପାଇଲେ ଅନ୍ୟର ଦୁଃଖ ବୁଝିପାରେ ନାହିଁ ଏବଂ ଅନ୍ୟକୁ ବାରମ୍ବାର ଦୁଃଖ ଦେଇ ଚାଲିଥାଏ। ତେଣୁ ଅନ୍ୟକୁ ଦୁଃଖ ଦେବା ପୂର୍ବରୁ ସେହି ଯନ୍ତ୍ରଣାକୁ ଅନୁଭବ କରିପାରିଲେ ଅନ୍ୟକାହାକୁ ଦୁଃଖ ଦେଲା ପୂର୍ବରୁ ବାରମ୍ବାର ଭାବିବାକୁ ପଡ଼ିଥାଏ। ନିଜର ଅହଂଭାବ ସମ୍ପର୍କକୁ ନଷ୍ଟ କରିଦିଏ। ମୁଁ ସବୁ ଜାଣିଛି, ଅନ୍ୟମାନେ ମୋ ନଜରରେ ଛୋଟ, ଏ ପ୍ରକାର ଚିନ୍ତାଧାରା ଆମ୍ଭମାନଙ୍କୁ ଉପରକୁ ଉଠେଇବା ପରିବର୍ତ୍ତେ ତଳକୁ ତଳକୁ ନେଇଚାଲେ। ବେଳେବେଳେ ଆମଠାରୁ ଅତି ଛୋଟ ବୟସର ପୁଅ କି ଝିଅ ହୁଅନ୍ତୁ, ସେମାନଙ୍କର କିଛିଟା କଥା ଆମକୁ ଆଶ୍ଚର୍ଯ୍ୟ ଲାଗେ ଏବଂ ସେଇ ପଦକ କଥା ବୟସ୍କଙ୍କ ପାଇଁ ଉପଦେଶର ରୂପ ନେଇଥାଏ। ଏହି ପ୍ରକାର ଅନୁଭବ ଅନେକଙ୍କର ଥିବ। ଏସବୁ ପ୍ରବାହମାନ ସମୟର ଏକ ଉଦାହଣ। ଆମେ ସବୁ ଅତିକ୍ରାନ୍ତ ବୟସରେ ଉପନୀତ। ନିଜର ମନୋବଳକୁ ଯେତେ ଦୃଢ଼କଲେ ସୁଦ୍ଧା ଅଧିକାଂଶ ସମୟ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼େ। ତଥାପି ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଆମକୁ ବଞ୍ଚିବାକୁ ପଡ଼ିବ। ବୟସ୍କ ବନ୍ଧୁମାନେ ସମୟ ସହିତ ତାଳଦେଇ ନିଜ ଆଚରଣକୁ ଯଥାଶକ୍ତି ବଦଳାଇ ଚଳିପାରିଲେ ନିଜର ମଙ୍ଗଳ ସହ ପରିବାର ତଥା ସମାଜର ମଙ୍ଗଳ ହୋଇପାରିବ ବୋଲି ଆଶା।

●●●

# NEWS FLASH

## Copy of POLICE CIRCULAR ORDER NO.3 7 4 /2018 for Safety and Security of Senior Citizens communicate on 25.01.2018

To

All district SsP including SsRP Rourkela/ Cuttack

To provide safe and secure atmosphere to senior citizens of the society, it is decided to open "Senior Citizen Security Cells" in the urban areas of all the districts of the state. Senior Citizen Security Cell will be a part of DIB and a Sub-Inspector shall remain in charge of the cell assisted by 2/3 constables.

**The objectives of Senior Citizens Security Cell would be as follows:-**

- To ensure safety and security of Senior Citizens.
- To inculcate a sense of security and confidence in the minds of the senior citizens.
- To sensitize local police with respect to the safety concerns of the senior citizens residing in their jurisdictions.
- To help the senior citizens in their personal problems, as far as practicable.
- To guide senior citizens on appropriate safety and security measures
- To undertake police verification of all domestic helps by local police stations.

**To achieve the aforesaid objectives, the following steps should be initiated immediately**

1. **Registration of Senior Citizens:** The cell shall identify all senior citizens of the age group of 60 and above, staying alone or as a couple but without any other younger (adult) family members or relatives. A register shall be opened in the cell where every senior, would be at liberty to fill up a registration form to be provided by the cell. The proforma shall be filled in duplicate and shall bear the full signature of the concerned senior citizen. Their photographs shall be affixed both on the registration form and the register against their name and address. A copy of the proforma is enclosed as Annexure-I. After registration, he shall be provided with a registration number by the cell for future reference. For encouraging such registration, wide publicity may be given through print/ electronic media and other means of publicity.
2. **Do's and Don'ts to be circulated:** Every senior citizen shall be provided with a copy of Do's and Do not's which is enclosed herewith as Annexure-II.
3. **Collaboration with NGOs:** A list of NGOs and other stakeholders working in the district on problem and welfare issues related to senior

citizens shall be maintained in the cell and their services may be utilized as and when required.

4. **Police visits to registered senior citizens:** Officers from the Senior Citizens Security Cell shall pay visit to some of the registered senior citizens every week taking prior appointment. Purpose of the visit shall be looked into the physical security the house, to find out verification status of the domestic help and complaints/problems, if any, of senior citizens. The Senior Citizens Security Cell shall leave one register in the residence of each registered senior citizen in which details the staff of Senior Citizens Security Cell and Senior Police Officers with date and time of such visit will be recorded. During such visit, the staff of Senior Citizens Security Cell shall ascertain the physical security aspects of the house of the senior citizens. They shall render suitable advice to the concerned senior citizens in terms of installing protective grill fencing, door chains, alarm bell, magic eye, CCTV camera etc.

5. **Verification of the Domestic Helps/tenants etc**.: Senior citizens who have employed drivers/watchman/Domestic help/ gardeners in their houses should be provided with verification forms meant for domestic employees enclosed herewith as Annexure-III and the same should be collected and verified.

Senior citizens who have kept tenants in their houses should be provided with Tenant Verification forms vide Annexure-IV. The said form shall be filled in duplicate and Senior citizens who have kept tenants in their houses should be provided with Tenant Verification forms vide Annexure-IV. The said form shall be filled in duplicate and shall bear the full signature with date of the concerned tenant. A copy of this form shall be kept with the concerned senior citizen, one in the concerned PS and the other copy will be maintained at Senior Citizens Security Cell.

Verification shall be done by the local police in the proforma duly filled by the senior citizens and submitted to the cell. The cell shall forward the duly filled verification roll to the concerned local police station for verification of the antecedents of the domestic help. A copy of the verification proforma is enclosed herewith.

**Action plan for the protection of life and property of senior citizens as per provision of women and child Development Dept. Notification No-16551- II-SD-48/09/WCD Dated 24.9.2009:-**

i. Each police station shall maintain an up-to date list of senior citizens living within its jurisdiction especially those who are living by themselves (i.e. without there being any member in their household who is not a Senior Citizen);

ii. A representative of the police station together, as far as possible, with a social worker or volunteer, shall in

addition, visit them as quickly as possible on receipt of a request of assistance from them;

iii. Complain/ problems of senior citizens shall be promptly attended to by the local Police;

iv. One or more Volunteers Committee (s) shall be formed for each Police Station which shall ensure regular contact between the senior citizens especially those living by themselves on the one hand, and the Police and the district administration on the other;

v. The Superintendent of Police shall ensure wide publications in the media and through the Police Stations, at regular intervals the steps taken for the protection of life and property of senior citizens;

vi. Each Police Station shall maintain a separate register containing all important particulars relating to offences committed against senior citizens, in such form as the State Government may, by order specify;

vii. The register referred to in clause (vi) shall be kept available for public inspection, and every office inspecting a Police Station shall invariably review the status as reflected in the register:The IIC/OIC of each Police Station shall convene a meeting in each quarter for direct interface with Senior Citizens.

viii. The Police Station shall send a monthly report of such crimes to the Superintendent of Police by 10th day of every month;

ix. List of Do,s and Don'ts to be followed by senior citizens in the interest of their safety will be widely publicized.

x. Antecedents of domestic servants and others working for senior citizens shall be promptly verified on the request of such citizens;

xi. Community policing for the security of senior citizens will be undertaken in conjunction with citizens living in the neighbourhood. Residents' Welfare Association Volunteers Non-Government Organisations etc.

xii. The Superintendent of Police shall submit to the Director General of Police and to the District Magistrate, a monthly report by the 20th of every month, about the crime against senior citizens during the previous month, including progress of investigation and prosecution of registered offences, and preventive steps taken during the month;

xiii. The District Magistrate shall cause the report to be placed before the District-level Co-ordination-cum-Monitoring Committee constituted under rule 22.

**Sd- (Dr. R. P Sharma) 24.1.18 ,**
**Director General of Police,**
**Odisha, Cuttack**

●●●

# ASSOCIATION NEWS

## ସର୍ବ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ସମ୍ମିଳନୀ :

ସମ୍ବଲପୁର ପାନ୍ଥନିବାସ ସ୍ଥିତ ତପସ୍ୱିନୀ ହଲ୍ ଠାରେ ସର୍ବ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ସମ୍ମିଳନୀ ଆବାହକ ପ୍ରଫୁଲ୍ଲ ହୋତା ଓ ସଭାପତି ଟହଲୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସଂପାଦକ ଶ୍ରୀହରି ସିନ୍ଧୁଆ, ସଭାପତି ଶ୍ରୀ ଭି ଭଦାନୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଭୁ ଭୂଷଣ ମିଶ୍ର, ମୁଖ୍ୟ ଅତିଥି ସାଂସଦ ସୁରେଶ ପୂଜାରୀ, ଅଧକ୍ଷ ସଦାନନ୍ଦ ସାନବର୍ଷା ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ବରଗଡ଼ ରୋଟାରୀ ପବ୍ଲିକ୍ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିକାଶ ଇଞ୍ଜିନିୟରିଂ କଲେଜ ଛାତ୍ରୀ ଆସ୍ଥା ମହାପାତ୍ର ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ। ବଲାଙ୍ଗୀରରୁ ପୁରୀକୁ ଇଣ୍ଟରସିଟି ସୁପରଫାଷ୍ଟ ଟ୍ରେନ୍ ଚାଲିବ ବୋଲି ସାଂସଦ ଶ୍ରୀ ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ। ନବେ ବର୍ଷରୁ ଉର୍ଦ୍ଧ୍ୱ ସର୍ବଶ୍ରୀ ବିପିନ ବିହାରୀ ପଟ୍ଟନାୟକ, ଅରବିନ୍ଦ ମହାପାତ୍ର, ଅବିନାଶ କୁମାର ପଣ୍ଡା, ମଦନ ଭାଇ ପଟେଲ, ବୃନ୍ଦାବନ ରାଉତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ କେଦାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସଂପାଦକ ପ୍ରହଲ୍ଲାଦ ମହାପାତ୍ର ମହାସଂଘ ଗଠନର ଆଭିମୁଖ୍ୟ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ରାଜ୍ୟରୁ ଆସିଥିବା ଅତିଥି ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଙ୍ଘ:

ଫୁଲବାଣୀ ଓ ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡାପାଲି, ବିରମହାରାଜପୁର ମିଳିତ ଆନୁକୂଲ୍ୟରେ ତା.୧୨.୧୨.୨୦୨୨ରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ୭୦ଜଣଙ୍କ ମାଗଣା ରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ଓ ପୂର୍ବରୁ ଯେଉଁମାନଙ୍କ ପରଳ ଅସ୍ତ୍ରୋପଚାର କରାଯାଇଥିଲା ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୫ ଜଣଙ୍କୁ ସେମାନଙ୍କ ବସ୍‌ରେ ନିଆଯାଇ ପରଳ ଅସ୍ତ୍ରୋପଚାର କରାଯିବା ସହିତ ସେମାନଙ୍କୁ ଚିକିତ୍ସାଳୟ ବସ୍‌ରେ ୧୪.୧୨.୨୦୨୨ ତାରିଖରେ ଫୁଲବାଣୀ ଫେରିଆସିବାକୁ ବନ୍ଦୋବସ୍ତ କରାଯାଇଥିଲା । ଏହି ଶିବିରକୁ ଅମିୟ ଦାଶ, ବଂଶୀଧର ପଣ୍ଡା, ବିକାଶ ମହାନ୍ତି, ପିତାମ୍ବର ମିଶ୍ର, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ନବୀନ କିଶୋର ପଣ୍ଡା, ପ୍ରମୋଦ କୁମାର ସାହୁ, ରାଜକିଶୋର ପାଢୀ, ପ୍ରଶ୍ନ ମଣ୍ଡଳ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ପ୍ରକାଶ ଥାଉକି କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଙ୍ଘ, ଫୁଲବାଣୀ ଗତ ୨୧.୦୮.୨୦୨୨ ଠାରୁ ୧୨.୧୨.୨୦୨୨ ମଧ୍ୟରେ ଏହା ଚତୁର୍ଥ ପରୀକ୍ଷା ଶିବିର। ଏହିସବୁ ପରୀକ୍ଷା ଶିବିରରେ ଶତାଧିକ ରୋଗୀଙ୍କ କମ୍ପ୍ୟୁଟରୀକୃତ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ୧୦୦ରୁ ଅଧିକ ଅଧିକ ରୋଗୀଙ୍କ ପରଳ ଅସ୍ତ୍ରୋପଚାର କରାଯାଇଛି ।

## କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନ :

ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ୪.୩.୨୦୨୩ ଦିନ କନ୍ଧମାଳ ଜିଲ୍ଲା ବରିଷ୍ଠନାଗରିକ

ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ବରିଷ୍ଠ ସମାଜସେବୀ ତଥା ପୂର୍ବତନ ନଗରପାଳ କମଳାକାନ୍ତ ପାଣ୍ଡେ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ନବକିଶୋର ରଥ, ଇଂ. କେ. ଜ୍ଞାନ କୁମାର ଦୋରା, ସାଧାରଣ ସମ୍ପାଦକ ଭାବେ ପ୍ରଣବ ମଣ୍ଡଳ, ସଂଗଠକ ସମ୍ପାଦକ ରାଜ କିଶୋର ପାଢ଼ୀ, ଯୁଗ୍ମ ସମ୍ପାଦକ ବଂଶୀଧର ପଣ୍ଡା, କୋଷାଧ୍ୟକ୍ଷ ପି.ରଘୁନନ୍ଦନପାତ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ପରିଚାଳନା ସଂସ୍ଥାପକ ଭାବେ ନବୀନ କିଶୋର ପଣ୍ଡା, ଡଃ.ଅରୂପ ଜେନା, ଅନନ୍ତ ମିଶ୍ର ମନୋନୀତ ହୋଇଥିବାବେଳେ ପରାମର୍ଶ ଦାତା ଭାବେ ବରିଷ୍ଠ ଆଇନଜୀବୀ ଭି. ଭି. ରାମ ଦାସ, ବିଜୟ ମହାନ୍ତି, ଅକପରିଡା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ନାରାୟଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନିତକରାଯାଇଛି । ଆଇନଜୀବୀ ଭି ଭି ରାମଦାସ, ବିରଜା ପ୍ରସାଦ ନାହାକ, ବିଜୟ ମହାନ୍ତି ପ୍ରମୁଖ ସୁଚାରୁରୂପେ ନିର୍ବାଚନ ପରିଚାଳନାକରିଥିଲେ । ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ସମସ୍ୟା ସମାଧାନ ପାଇଁ ସଙ୍ଘ ଉଦ୍ୟମ କରିବ ବୋଲି ନବ ନିର୍ବାଚିତ ସଭାପତି କମଳାକାନ୍ତ ପାଣ୍ଡେ କହିଛନ୍ତି ।



କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘ ନୂତନ କର୍ମକର୍ତ୍ତା ନିର୍ବାଚନ

## କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଆୟୋଜିତ କଟକ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକଙ୍କ ସମ୍ମିଳନୀ :

କଟକ ବରିଷ୍ଠ ନାଗରିକ ମହାସଭା ଆନୁକୂଲ୍ୟରେ ୧୧ ଡିସେମ୍ବର ୨୦୨୨ରେ କଟକ ଜିଲାର ସମସ୍ତ ବରିଷ୍ଠ ନାଗରିକ ସଙ୍ଘ ସାଧାରଣ ସମ୍ପାଦକମାନଙ୍କର ଏକ ସମ୍ମିଳନୀ ମହାସଙ୍ଘର କେଶରପୁରସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଡା. କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଏବଂ ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ମିଳନୀରେ ଗ୍ରାମାଞ୍ଚଳ ପୁଲିସ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ କରୁ ନଥିବା ବହୁ ସଦସ୍ୟ ଅଭିଯୋଗ କରିଥିଲେ । ବାର୍ଦ୍ଧକ୍ୟ ଭତ୍ତା ୨ହଜାର ଟଙ୍କା ବୃଦ୍ଧି କରିବାକୁ ଦାବି କରାଯାଉଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା । ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ସରକାର ଆଖିବୁଜି ଦେଉଥିବାରୁ ଆଗାମୀ ବିଧାନସଭା ଅଧିବେଶନ ସମୟରେ ରାଜ୍ୟର ସମସ୍ତ ବରିଷ୍ଠ ନାଗରିକ ବିଧାନସଭା ଆଗରେ ବିକ୍ଷୋଭ ତଥା ଧାରଣରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ସମ୍ମିଳନୀରେ ତିଗିରିଆ ବ୍ଲକ୍‌ର ସୁଶିଲ କୁମାର ନନ୍ଦ, ଗୁରୁଡିଝାଟିଆ ସଂଘର ଶରତ କୁମାର ଖୁଣ୍ଟିଆ, ଚୌଦ୍ୱାରରୁ ସୁଶାନ୍ତ କୁମାର ସାହୁ, ଆଠଗଡରୁ ଗିରିଶ ଚନ୍ଦ୍ର ମିଶ୍ର, ଅଲିଶା ବଜାରର ମନମୋହନ ବେହେରା, ନଜରପୁରରୁ ପଦ୍ମନାଭ ବେହେରା ଓ ରବିନ୍ଦ୍ର ପରିଡା, ପାଟରାସାହିରୁ ଅକ୍ଷୟ କୁମାର ସାହୁ, କେଶରପୁରରୁ ରାମଚନ୍ଦ୍ର ସାସମଲ, ଭୁବନପୁରର ନଗେନ୍ଦ୍ର କୁମାର ମହାପାତ୍ର, ମର୍କତ ନଗର ସଂଘର ସୁକାନ୍ତ କୁମାର ସ୍ୱାଇଁ, ବଣିଆ ସାହିର ଗଦାଧର ସାହୁ, ଏନ୍.ଆର.ଆର.ଆଇରୁ ଅଲେଖ ଚନ୍ଦ୍ର ହୋତା, ଶରତ ଶାସନରୁ ଧନେଶ୍ୱର ସେଠୀ, ବାରଙ୍ଗରୁ ନବଘନ ନାୟକ ଏବଂ ଅରୁଣଶୋଦୟ ନଗରର ସମରେନ୍ଦ୍ର ଘୋଷ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ

ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ଯୁଗ୍ମ-ସମ୍ପାଦକ ରାଜକିଶୋର ସାମନ୍ତରାୟ, ERAର ସଭାପତି ଇ. କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାବୁଲିଧର ନାୟକ ଏବଂଅକ୍ଷୟ କୁମାର ନାୟକ ସହଯୋଗ କରିଥିଲେ।

## ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘ

ପକ୍ଷରୁ ନୂତନ ବର୍ଷ ଅବସରରେ ଖୁଜେନପାଲିସ୍ଥିତ ବିକ୍ରମ ବହିଦାରଙ୍କ ଫାର୍ମ ହାଉସରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଯୋଗଦାନ କରି ବରିଷ୍ଠ ନାଗରିକମାନଙ୍କୁ ମ୍ୟୁନିସିପାଲଟି ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ପଶ୍ଚିମ ଓଡିଶା ବରିଷ୍ଠ ମହାସଂଘ ନିର୍ଦ୍ଦେଶକ୍ରମେ ଏକ ମହିଳା ମଞ୍ଚ ଗଠନ କରାଯାଇଛି।

## ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ, ତୃତୀୟ ବାର୍ଷିକ ସମାରୋହ :

ଜାନୁଆରୀ ୨୧ ତାରିଖରେ ସଭାପତି ଶ୍ରୀ ଲଲାଟେନ୍ଦୁ ମହାନ୍ତଙ୍କ ସଭାପତିତ୍ୱରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ବକ୍ତା ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲି, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାମ ଦାସ ଟୁଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ସନ୍ତୋଷ କୁମାର ପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାଶ,ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ଡକ୍ଟର କୃପାସିନ୍ଧୁ ପଣ୍ଡା, ଓ ଅନ୍ୟ ମାନ୍ୟଗନ୍ୟ ଅତିଥିମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ଜୀବନ କିପରି ସୁସ୍ଥ ଓ ସୁରକ୍ଷିତ ରହିବ, ସେ ବିଷୟ ରେ ଆଲୋକପାତ କରିଥିଲେ ! ବରିଷ୍ଠମାନେ ସମାଜର




ବୋଝ ନୁହନ୍ତି, ସେମାନ ଙ୍କ ଅଭିଜ୍ଞତା ସମାଜ ପାଇଁ ଅତି ଜରୁରୀ ! ଏହାକୁ କାମରେ ଲଗାଇବା ଆବଶ୍ୟକ ! ଅନୁଷ୍ଠାନର ସମ୍ପାଦକ ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପଠନ କରି ସଂଘର ବିଭିନ୍ନ ଦାବିଗୁଡିକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ମହାସଂଘର ମୁଖପତ୍ର 'ବରିଷ୍ଠ ' ଲୋକାର୍ପିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘ ଏଥିରେ ଯୋଗ ଦେଇ ସରକାର ବରିଷ୍ଠ ନାଗରିକମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଉତ୍ସବକୁ ମହାସଂଘର ବିଭୂତି ଭୂଷଣ ସେନାପତି, ପ୍ରଦ୍ୟୁମ୍ନ କୁମାର ରାୟ, ମଦନ ମୋହନ ମହାକୁଡ଼, ବୈଲୋଚନ ବେଉରିଆ, ଇନ୍ଦ୍ରମଣି ପଣ୍ଡା, ପ୍ରତାପ ନାୟକ ଓ ଅଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

## ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ବରଗଡ଼:

ବାର୍ଷିକ ସାଧାରଣ ସଭା ଓ ପରିବାର ମିଳନ କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମିର୍ଦ୍ଧା ଟପ୍ପୋ, ମୂଖ୍ୟ ଅତିଥି, ବଲାଙ୍ଗୀରର ଶ୍ରୀ ବିକ୍ରମ ବହିଦାର ମୂଖ୍ୟ ବକ୍ତା, ସମ୍ବଲପୁରର ଶ୍ରୀ ନାରାୟଣ ନାୟକ, ସମ୍ମାନିତ ଅତିଥି, ସଭାପତି ଶ୍ରୀ ପ୍ରମୋଦ ଝାଙ୍କର, ସମ୍ପାଦକ ଶ୍ରୀ ପ୍ରହଲ୍ଲାଦ ମହାପାତ୍ର ଓ କେଦାର ମିଶ୍ର,ସଙ୍ଗଠନ ସମ୍ପାଦକ ମଞ୍ଚାସୀନ ଥିଲେ। ପ୍ରସିଦ୍ଧ କଳାକାର ଓ ସଙ୍ଗୀତ ବିଶାରଦ ପଣ୍ଡିତ ଘାସିରାମ ମିଶ୍ରଙ୍କୁ 'ଭଗବାନ ମହାପାତ୍ର ବରିଷ୍ଠ ନାଗରିକ ସ୍ମୃତି ସମ୍ମାନ-୨୨'ରେ ସମ୍ମାନିତ କରାଯାଇଥିଲା। ସଭାରେ ଶ୍ରୀ ନିର୍ମଳ କର ଓ ଅଶୋକ ପଶାୟତଙ୍କ ସଂଯୋଜନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ :

ଭୁବନେଶ୍ୱର ଅଗ୍ରଣୀ ସିନିୟର୍ ସିଟିଜେନ୍ସ ଓୟେଲଫେୟାର୍ ଫୋରମ୍ ବମିଖାଲ ଓ ବୟସ୍କ ଚିତ୍ତବିନୋଦନ ସଂସ୍ଥା (ERA) ସଦସ୍ୟମାନଙ୍କ ପାଇଁ ୨୭/୦୨/୨୦୨୩ ଅପରାହ୍ଣରେ HelpAge India ତରଫରୁ ଏକ ନିଶୁଳ୍କ ଡିଜିଟାଲ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ରୋଡ଼ର ନିହାରୀକା ଆପାର୍ଟମେଣ୍ଟ ସ୍ଥିତ ERA କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ବର୍ତ୍ତମାନର ଡିଜିଟାଲ ଯୁଗରେ ବରିଷ୍ଠ ନାଗରିକ ମାନେ ଯେଉଁ ସବୁ ସାଇବର ଠକାମୀର ଶିକାର ହେଉଛନ୍ତି, ସେଥିରୁ ରକ୍ଷା ପାଇବା ପାଇଁ HelpAgeର ବରିଷ୍ଠ ପ୍ରଶିକ୍ଷକ ଶ୍ରୀମତୀ ଦେବଶ୍ରୀ ବ୍ରହ୍ମା ବିଭିନ୍ନ ଉପାଦେୟ ତଥ୍ୟ ସମ୍ବଳିତ ବାର୍ତ୍ତା ଭିଡିଓ ମାଧ୍ୟମରେ ପ୍ରଦାନ କରିବା ସହିତ ବରିଷ୍ଠ ନାଗରିକମାନଙ୍କ ମନରେ ଥିବା ସନ୍ଦେହ ଦୂରୀଭୁତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବୟସ୍କ ଚିତ୍ତବିନୋଦନ ସଂସ୍ଥାର ଅଧ୍ୟକ୍ଷ ଡ଼ଃ ଉଦୟ ନାଥ ସାହୁ, ସଭାପତି ଇଂ. କୃଷ୍ଣ ଚନ୍ଦ୍ର ସାହୁ ତଥା 'ଅଗ୍ରଣୀ', ବମିଖାଲର ସଭାପତି ଡ଼ଃ ସୁଶୀଳ କୁମାର ନନ୍ଦ ପରିଚାଳନା କରିଥିଲାବେଳେ ଦୁଇ ସଂସ୍ଥାର ସମୁଦାୟ ପଚିଶି ଜଣ ସଦସ୍ୟ ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ:

ରାମେଶ୍ୱର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଜୟଦେବ ବିହାରସ୍ଥିତ ଡେ' କେୟାର ସେଣ୍ଟରରେ ଏକ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ହେଲ୍ପ ଏଜ୍ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଅନ୍ଲାଇନ୍ ଓ ସାଇବର ଠକେଇ ବିଷୟରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିଥିଲେ । ସଂଘର ସଭାପତି ବିଷ୍ଣୁମୋହନ ମହାନ୍ତି, ଉପସଭାପତି ଶାନ୍ତ ବେହେରା, ସମ୍ପାଦକ ହରିହର ବରାଳ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଜଗଦୀଶ ସାହୁ, କାର୍ଯ୍ୟକାରୀ ସଦସ୍ୟ କେଦାରନାଥ ପଟ୍ଟନାୟକ, ବରିଷ୍ଠ ନାଗରିକ ମହାସଂଘର ଯୁଗ୍ମ ସମ୍ପାଦକ ରାଜକିଶୋର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## କଟକ ବରିଷ୍ଠ ନାଗରିକ :

କଟକ ବରିଷ୍ଠ ନାଗରିକ ମହାସଭା ଦ୍ୱାରା 'ବରିଷ୍ଠଙ୍କୁ ମୋବାଇଲ ଶିକ୍ଷା' କର୍ମଶାଳା ହେଲ୍-ଏଜ୍-ଇଣ୍ଡିଆ ପକ୍ଷରୁ ଦେବଶ୍ରୀ ବ୍ରହ୍ମାଙ୍କ ସହଯୋଗରେ କଟକ ବରିଷ୍ଠ ନାଗରିକ ମହାସଭା ସଭାପତି ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡାଙ୍କ ଦ୍ୱାରା ଏକ ଡିଜିଟାଲ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ୪୦ ଜଣ ବରିଷ୍ଠ ନାଗରିକଙ୍କୁ ସ୍ମାର୍ଟଫୋନ୍‌ର ବିଭିନ୍ନ ଆପ୍ଲିକେସନର ବ୍ୟବହାର ଓ ସତର୍କତା ଭିଡିଓ ମାଧ୍ୟମରେ ବୁଝାଇଥିଲେ । ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାରପ୍ରଣାଳି ଗ୍ରହଣକଲେ ସାଇବର ଅପରାଧୀଙ୍କ କବଳରେ କେହି ପଡିବେ ନାହିଁ ବୋଲି ସେମାନେ ସଚେତନ କରାଇଥିଲେ । ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ଓ ବାବୁଲିଧର ନାୟକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଲକ୍ଷ୍ମୀସାଗର ବରିଷ୍ଠ ନାଗରିକ ଫୋରମ ତରଫରୁ ଆଧ୍ୟାତ୍ମିକ ଯାତ୍ରା

୨୦.୧୨.୨୦୨୨ ତାରିଖରେ ୩୫ ଜଣ ସଭ୍ୟା/ସଭ୍ୟା ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀ, ମା



ଭାଗବତୀ, ଉଗ୍ରତାରା ଇତ୍ୟାଦି ବିଭିନ୍ନ ଦର୍ଶନୀୟ ସ୍ଥାନଗୁଡ଼ିକୁ ପରିଭ୍ରମଣ କରି ଚିଲିକା କାଙ୍କଡ ଶିଖରୀ ରେ ବଣଭୋଜି କରିଥିଲେ । ଅନୁଷ୍ଠାନର ଉପ ସଭାପତି ଶ୍ରୀ ଶରତ ଚନ୍ଦ୍ର ସାହୁ, ସମ୍ପାଦକ ଶ୍ରୀ ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର ଉକ୍ତ ଆଧ୍ୟାତ୍ମିକ ଯାତ୍ରାକୁ ପରିଚାଳନା କରିଥିଲେ ।

## ଧାମନଗର ବରିଷ୍ଠ ନାଗରିକପରିଷଦର ଷଷ୍ଠ ବାର୍ଷିକ ଉତ୍ସବ :

ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ୨୮.୨.୨୦୨୩ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି । ପରିଷଦ ର ସଭାପତି ଘଣ୍ଟେଶ୍ୱର ସାହୁଙ୍କ ସଭାପତିତ୍ୱ ରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ, ଧାମନଗର ତହସିଲଦାର କ୍ଷୀରୋଦ ପଣ୍ଡା, ଏସଡିପିଓ ବିଜୟକୃଷ୍ଣଦାସ ପ୍ରମୁଖ ଯୋଗ ଦେଇଥିଲେ । ସମାଜରେ ବରିଷ୍ଠମାନଙ୍କ ଯଥେଷ୍ଟ ଭୂମିକା ରହିଛି, ସେମାନଙ୍କ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ମଧ୍ୟ ତିଆରି କରିଛନ୍ତି ବୋଲି ସାଂସଦ ଶ୍ରୀମତୀ ମଣ୍ଡଳ କହିଛନ୍ତି । ଧାମନଗର ପ୍ରେସ କ୍ଲବ୍‌ର ସଭାପତି ବସୁଦେବ ତ୍ରିପାଠୀ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି ହରେକୃଷ୍ଣ ପାଢ଼ୀ, ଦୁର୍ଯ୍ୟୋଧନ ତରାଇ, ଅନିଲ ବାରିକ, ରବୀନ୍ଦ୍ର ବେହୁରିଆ, ରାମଚନ୍ଦ୍ର ସାହୁ, ପ୍ରମୁଖ ଯୋଗ ଦେଇଥିଲେ । ଅଭିମନ୍ୟୁ ମଲ୍ଲିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେପରିଷଦର କୋଷାଧ୍ୟକ୍ଷ ନିରାକାର ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ତିନିଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇ ଥିଲେ । ଶେଷର ଭାସ୍କର ସାମଲ ଧନ୍ୟ ବାଦ ଅର୍ପଣ କରିଥିଲେ ।

## ଚିନ୍ତାମଣିଶ୍ୱର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ :

ଭୁବନେଶ୍ୱର ଚିନ୍ତାମଣିଶ୍ୱର ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଚିନ୍ତାମଣିଶ୍ୱର ମନ୍ଦିର ପ୍ରାଙ୍ଗଣରେ ୨୫.୧୨.୨୦୨୨ରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶ୍ରୀନିବାସ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବିଧାୟକ ଅନନ୍ତ ନାରାୟଣ ଜେନା । ଉପଦେଷ୍ଟା ଶଚିକାନ୍ତ ପାଣି, ଭ୍ରମରବର ନାୟକ, ଅର୍ଜୁନ ସାମନ୍ତରାୟ ଓ ନାରାୟଣ ମହାନ୍ତି ଉପାଦେୟ ସୂଚନା ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସଙ୍ଗଠନ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ସମ୍ପାଦକ ମଧୁସୂଦନ ଦାଶ, ରତ୍ନାକର ପଣ୍ଡା ଓ ଦିଲ୍ଲୀପ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## କାନ୍ଦରପୁର ବରିଷ୍ଠ ନାଗରିକ ମଞ୍ଚ ଷଷ୍ଠ ବାର୍ଷିକ ଉତ୍ସବ :

ଜାନୁଆରୀ ୨୯ ତାରିଖରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରିୟ ସାମାଜିକ କର୍ମୀ ତଥା ଜଣାଶୁଣା ଚିକିତ୍ସକ ଡକ୍ଟର ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି , କନ୍ଦରପୁର ଆଇଆଇସି ଶ୍ରୀଯୁକ୍ତ ବିପିନ ବିହାରୀ ହୋତା ସମ୍ମାନିତ ଅତିଥି ଏବଂ ଜଗତପୁରସ୍ଥ ସଙ୍କରପୁର ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶ୍ରୀଯୁକ୍ତ ହୃଦାନନ୍ଦ ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଏହା ବ୍ୟତୀତ, ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା ଓ ଡିଜାଇନର୍ ତଥା ଚିତ୍ରକାର- ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଭୋଇ ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସଭାରେ ଶ୍ରୀଯୁକ୍ତ ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଭୋଇ

ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଡା. ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




*କନ୍ଦରପୁର ବରିଷ୍ଠ ନାଗରିକ ମଞ୍ଚ ଷଷ୍ଠ ବାର୍ଷିକ ଉତ୍ସବ*

## ଟିଗିରିଆ ବରିଷ୍ଠ ନାଗରିକ କାଉନସିଲ ବାର୍ଷିକ ଉତ୍ସବ :

ଫେବୃଆରୀ ୭ତାରିଖରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଯୁକ୍ତ ଜଗନ୍ନାଥ ତୁଙ୍ଗ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠାନର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ସୁଶୀଲ କୁମାର ନନ୍ଦ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ, ଉପସଭାପତି ଶ୍ରୀଯୁକ୍ତ ସୁବୋଧ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ, ପାରଳାଖେମୁଣ୍ଡି:




ସଦସ୍ୟମାନେ ପରସ୍ପର ମଧ୍ୟରେ ଭାଇଚାରା ତଥା ସମାଜରେ ଶାନ୍ତିର ବାର୍ତ୍ତା ନେଇ ଏକ ନିଆର ଢ଼ଙ୍ଗରେ ହୋଲି ପାଳନ କରିଛନ୍ତି।

## ଭୁବନେଶ୍ୱର Y60+ବରିଷ୍ଠ ନାଗରିକ ଫୋରମ୍ :

ନୂତନ ବର୍ଷ ଅବସରରେ ମୁଣ୍ଡୁଳିସ୍ଥିତ ଏକ ବଣଭୋଜି ସ୍ଥଳରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ




ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ପରିବାରବର୍ଗ ବିଭିନ୍ନ ଆମୋଦପ୍ରମୋଦ ସହ ବିଭିନ୍ନ ବ୍ୟଞ୍ଜନର ମଜା ନେଇଥିଲେ।

## ତିହିଡ଼ି ବ୍ଲକ୍ ବରିଷ୍ଠ ନାଗରିକ ସଂଘର (ଭଦ୍ରକ ଜିଲା) ଦ୍ୱିତୀୟ ବାର୍ଷିକ ଉତ୍ସବ :

୧୨.୦୩.୨୦୨୩ ତାରିଖରେ ସ୍ଥାନୀୟ ଟାଉନ ହଲ ପରିସରରେ ସଂଘର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଯୋଗ ଦେଇ ବରିଷ୍ଠ ନାଗରିକମାନେ ଧୈର୍ଯ୍ୟର ସହ ଅବଶିଷ୍ଟ ଜୀବନ ବିତାଇବା ଓ ସମାଜ ସଂସ୍କାର ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ମୁଖ୍ୟବକ୍ତା ଭାବେ ଧାମନଗର ବରିଷ୍ଠ ନାଗରିକ ସମ୍ପାଦକ ଶ୍ରୀ ସଚିକାନ୍ତ ପଣ୍ଡା ଓ ଅନାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ସରକାରୀ ଦପ୍ତରରେ ସହଯୋଗ କରିବାକୁ ଦାବି କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶ୍ରୀ ବିଭୂତି ଭୂଷଣ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସମାଜସେବୀ ରଘୁନାଥ ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

## ଭୁବନେଶ୍ୱରସ୍ଥିତ ବରିଷ୍ଠ ନାଗରିକ ପରିଷଦ, ସର୍ବେଶ୍ୱର ବିହାର, ଚକେଇସିଆଣିର ନୂତନ କର୍ମକର୍ତ୍ତା ନିର୍ବାଚନ

ବରିଷ୍ଠ ନାଗରିକ ପରିଷଦ, ସର୍ବେଶ୍ୱରବିହାର, ଚକେଇସିଆଣିର ୯ମ ବାର୍ଷିକ ସମ୍ମିଳନୀ ସଭାପତି ଇଂ.କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମଞ୍ଚେଶ୍ୱର ସ୍ଥିତ ଲାଫିଏସଟା ମଣ୍ଡପରେ ୧୯.୩.୨୩ ତାରିଖ ୧୦ ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଉକ୍ତ ସମ୍ମିଳନୀରେ ବରିଷ୍ଠ ଚିତ୍ତବିନୋଦନ କେନ୍ଦ୍ର, ଭୁବନେଶ୍ୱରର ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ କୃପାସିନ୍ଧୁ ସାହୁ ମୁଖ୍ୟ ଅତିଥି ଥିଲେ। ୫ ନମ୍ବର ୱାର୍ଡର କର୍ପୋରେଟର ଶ୍ରମତୀ ମିନୁଶ୍ରୀ ଖୁଣ୍ଟିଆ ଏବଂ ୧୦ ନମ୍ବର ୱାର୍ଡର କର୍ପୋରେଟର ଶେଖ ନୁର ହାସନ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୨ ମସିହାର ନାଗରିକ ପରିଷଦର କର୍ମକର୍ତ୍ତାଙ୍କ ଅବଧି ପୂର୍ଣ୍ଣ ହେଉଥିବାରୁ ସାମ୍ବିଧାନିକ ନିୟମାନୁସାରେ ନୂତନ କର୍ମକର୍ତ୍ତା ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହୋଇଥିଲା। ଉକ୍ତ ନିର୍ବାଚନରେ ନିମ୍ନଲିଖିତ ବ୍ୟକ୍ତିମାନେ ନିର୍ବାଚିତ ହୋଇଥିଲେ।

**ଉପଦେଷ୍ଟା**–ଇଂ.କୃଷ୍ଣଚନ୍ଦ୍ର ସାହୁ, **ସଭାପତି**–ଇଂ ପ୍ରମୋଦ କୁମାର ସାମନ୍ତରାୟ, **ଉପସଭାପତି**–କୃଷ୍ଣ ପ୍ରସାଦ ମହାନ୍ତି

**ସାଧାରଣ ସମ୍ପାଦକ**–ସୀତାନାଥ ସାହୁ, ଯୁଗ୍ମସମ୍ପାଦକ –ନନ୍ଦ କିଶୋର ଜେନା, **କୋଷାଧ୍ୟକ୍ଷ**–ରାଧାକୃଷ୍ଣ ଘଡ଼େଇ **ଅଡିଟର**–ବାସୁଦେବ ବିଶ୍ୱାଳ



**ପରିଚାଳନା କମିଟିର ସଭ୍ୟ :** ଶରତ ଚନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ମହାପାତ୍ର, କଲ୍ୟାଣ କୁମାର ପତି, ଶରତ ଚନ୍ଦ୍ର ଦାଶ, ଗୋପବନ୍ଧୁ ବାଇ, ପ୍ରମୋଦ କୁମାର ରାଉତ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ସାହୁ ଉକ୍ତ ସମିଳନୀରେ ୭୬ ବୟସର ୫ ଜଣ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

*ନନ୍ଦ କିଶୋର ଜେନା, ଯୁଗ୍ମ ସମ୍ପାଦକ*

*ବରିଷ୍ଠ ନାଗରିକ ପରିଷଦ*

## Copy of letter sent by Dr. Krupasindhu Panda , President , FOSCAO

Dear Friends ,

Best regards & wishes for bright future The Chief Minister as the Chief Guest in our annual meeting 3 years back had called us 'talents of Odisha'& promised & assured to provide all comforts. Sorry to note – we are at Zero.The Govt. does not care to hear us . We have no Govt. given place for office meeting, Library, gossiping,music or for indoor games. We have demanded a lot.

ATTENTION

***Sidha chikischha / Naturopathy consultancy is operating in every Sunday at 4 pm to 6pm at office of the Elder Recreation Activities-era located at Niharika Appartment, adjacent to Satyanagar over bridge, Ctc.road, Bhubaneswar. Any interested person can attend free of cost.***

Govt authorities don't bother. At Cuttack, all facilities I have made for our members in my own campus. At Bhubaneswar there are equally competent persons. Wehave to try & trying a lot. The Govt. hears – when you make them hear by yourself or through some people who will hear them.The Mumbai Municipal Corporation could be moved by one ex-army personal who went on fasting till death. If Mumbai Municipal Corporation could provide free housing, food for disables, beggars & lone ladies & it was passed in the assembly after 7 days fasting. Such free facility is there in every park for Seniors in Mumbai. Let us rise up think & do something in Odisha.Unless you cry & shout, fast & demand,nobody will do anything. 15% voters are senior citizens, we can demand if the Govt. puts deaf ears we will not take part in the coming election. With Sincere Thanks Dr K.Panda President (Separate representations from each branch may be sent to the District Collector & Chief Minister, Odisha)

**The Executive Committee meeting of AISCCON** was held today at Tapaswini Hall, Sambalpur hosted by Paschim Odisha Baristha Nagarik Mahasangha. Prior to the same the delegates of AISCCON were welcomed by the members of Federation coming from various districts. Sj Suresh Pujari, Hon'ble MP(Lok Sabha) and Prof B.B.Mishra,Vice Chancellor, Sambalpur University has joined the August gathering as Chief Guest and Guest of Honour.The meeting ended with Cultural program by students of Rotary Public school, Bargarh.

●●●

## AN APPEAL

**Elders Recreation Activities (ERA)**

Quarterly Magazine "**Barishtha Bani**" ( Free to Members)

1. Patron Member – Rs. 10,000/- 2. Life Member – Rs. 1,000/-

**Application Form for Individual/ Association**

1. Name : ______________________________
2. Detail Postal address : ________________________________________
3. Mobile/ WhatsApp No. ______________________________
4. Date of Birth : _____________ Blood Group : __________________
5. Amount Paid : Rs. __________________ (Paid through Bank Transfer)

To be deposited in favour of Elders Recreation Activities Trust SB A/C No. **513310210000012**
IFSC Code- **BKID0005133**, Bank of India, Chakeisiani Branch, Bhubaneswar

Above details with copy of Bank Receipt may be sent to Sri K C Sahoo, WhatsApp No. 943775625 / 7008927372

# MILLET (ବାଜରା-ଜୁଆର-ମାଣ୍ଡିଆ)

**Dr. Udayanath Sahu**
**Mob. : 9438081006**

Millets are "superfood of our ancestors" and now India is the largest user and the second largest exporter of millets in the world. As India is the global hub for millets, 2018 was declared as the National Year of millets and subsequently **2023 has been declared as the "International year of Millets"** after a proposal for it was brought forward by India. **Odisha Millet Misson** was formed by Government of Odisha on 2017. Odisha has taken an early lead in this aspect by setting up a dedicated mission. It is revealed in recent Odisha Budget 2023-24 to provide Rs 497 crore for popularising millets. Accordingly various food items made of millet were showcased by Department of Tourism.Odisha Hockey Men's World Cup, fans and spectators relished the delicacies at Millet Shakti outlet in the Kalinga Stadium and the street-food mela offering millet delicacies on the sidelines. Also offered the players and officials millet meals .In September 2022, the state agriculture secretary wrote to secretaries of all departments to consider the inclusion of millet snacks in the official meetings of their departments. Millet dishes have found a place on the menu of Parliament canteens. Millet-based dishes served and displayed to the foreign dignitaries during G-20 meetings at Chandigarh. A millet museum to come up in Cuttack by October 2023 where specific galleries will showcase the historical and nutritional value of different millets both through audio & visual modes.

So we will have to well aware on nutritive values along with health benefits of various kinds of millets. Belonging to the grass family, millets are small, hardy grains about 1-2 mm diameter with low requirements of water and are thus highly tolerant to drought and other extreme weather conditions. They do not require fertilisers. They can develop from seeds to ready-to-harvest crops in about three months. The major millets grown in India —ଜୁଆର-जव्वार- jowar - (sorghum), ବାଜରା-बाजरा- (pearl millet) and ମାଣ୍ଡିଆ - रागी - (finger millet). Several other 'minor' millets like କାଙ୍ଗୁ/କୋରା-ककुम- (foxtail), ସୁଆଁ-शवन- (little) kodo, proso and barnyard millet grown in localised regions of India. Nutrition-wise there are minute differences between millets and other grain flours like maize, oats used much in daily routine. In general, they contain 7-12 per cent protein, 2-5 per cent fat, 65-75 per cent carbohydrates and 10-12 per cent fibre. Each variety of major millet has some unique properties. People have benefited from the nutritional properties of millet for thousands of years but with increasing non-communicable diseases such as diabetes, heart disease and obesity affecting the quality of life of

people the world over, it becomes all the more important for us to include millet in our diet due to it's following **beneficial effects** .

* Millets are gluten-free and are perfect substitutes for wheat and oats if you want to give up gluten which has become exceedingly popular, almost a fashion, these days to avoid gluten in diet. Since gluten is a protein that frequently added as a thickening , binding , flavoring and coloring agent, it is restricted up to 20 parts per million of gluten in food by the Food and Drug Administration rules. Excess to this label of gluten may experience bloating, diarrhea, headaches , skin rashes allergy and other health hazards.
* millets help lower the risk of developing Type 2 diabetes and lower the HbA1c . That is because these grains have a lower glycemic index or GI, an index used to score how quickly a food raises blood glucose levels. The researchers found that millets have a low GI of 52.7. This is almost 30% lower than the GI of polished rice and refined wheat. It is even less than that of maize, another popular crop in the country.There was a reduction in HbA1c level (from 6.65 to 5.67 per cent) among pre-diabetic individuals who consumed millets for a long period. A 2021 research study led by the Smart Food Initiative at ICRISAT had found that those with diabetes who consumed millets daily saw a drop in the blood glucose level by 12-15%.In case of pre-diabetic individuals the HbA1c lowered up to 17% and returned to the normal level.
* Millets can lower cholesterol absorption and hence reduce the risk of heart disease.
* Millet is rich in dietary fiber, both soluble and insoluble. The insoluble fiber in millet is known as a "prebiotic," which means it supports good bacteria in your digestive system.The fibre in millets hydrates our colon and helps prevent constipation.
* Incorporating millets especially ragi in the diet is a great idea for those seeking to increase calcium intake without having to take pills .
* Millets are highly nutritious i.e .3 to 5 times nutritionally superior to rice and wheat in terms of proteins,vitamins (Fat soluble B vitamins) and minerals (Calcium, Iron, Potassium, Magnesium, Zinc). Bajra is especially rich in B3 (niacin) which reduce the triglycerides too.
* Due to such high content of these nutrients, millets have therapeutic benefits in controlling asthma, migraine, blood pressure, diabetes, heart disease, obesity and have health-promoting effects equal or even higher than fruits and vegetables. But pearl millet ବାଜରା-बाजरा is not recommended for those with

thyroid gland dysfunction, as it contains anti-nutritional factor goitrogens. These suppress the activity of thyroid gland and cause goiter and lead to metabolic disorders.

Health benefits depend on processed options of millets.More processed or refined the flour, the less nutritious it is. Whole grain millets work well for porridge and upma type of preparations. They can also be used as khichdi. Millet flour can be used to make chapatis and the batter can be used for idli or dosa. Millet tea especially ragi tea is healthy and tasty too, according to Jagannath Chinary of Jeypore in the Koraput district of Odisha during an Odisha Craft and Food and Mela in Hyderabad.The process may be a bit laborious but the taste makes it worth it, "Ragi is soaked for two days, then it is sun-dried for four days. Afterwards, it is stored in airtight steel boxes for two days. As it is sun-dried, the ragi won't sprout," he explains. This ragi is left under a fan for three hours, dry roasted on a pan and ground on a flour mill machine (A mixie can be used for small quantities). "Tea masala, tulsi leaves and *arjuna chal* (a herb) are added to flavour the powder," he says. This tea powder is boiled with water and jaggery for two minutes and, finally, a dash of black salt and two drops of lemon juice are added before serving. The benefit of ragi is well assimilated with jaggery, rather than sugar," he insists.

The Food Safety and Standards Authority of India (FSSAI) has now framed a comprehensive group standard for 15 types of millets so as to ensure availability of good quality (standardised) millets in domestic and global markets.This rules would go into effect on September 1st.2023.

●●●

## ବରିଷ୍ଠବାଣୀ'ର ନିୟମାବଳୀ

● ଏହି ପତ୍ରିକାଟି ବୟସ୍କମାନଙ୍କ ଚିତ୍ତବିନୋଦନ ପାଇଁ ଉଦ୍ଦିଷ୍ଟ। ● ତ୍ରୟମାସିକ ପତ୍ରିକାଭାବେ ଏହା ବର୍ଷକୁ ୪ ଥର ଯଥା: ମାର୍ଚ୍ଚ, ଜୁନ୍, ସେପ୍ଟେମ୍ବର ଓ ଡିସେମ୍ବର ମାସରେ ପ୍ରକାଶ ପାଇବା ପାଇଁ ନିର୍ଦ୍ଧାରିତ। ତେଣୁ ପ୍ରକାଶ ପାଇଁ ଲେଖା ମାର୍ଚ୍ଚ-ଜୁନ୍-ସେପ୍ଟେମ୍ବର ଓ ଡିସେମ୍ବର ମାସର ୧୫ ତାରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ● ଲେଖାଗୁଡ଼ିକ ବରିଷ୍ଠ ନାଗରିକ ଜନିତ ଖବର, ରୋଚକ ତଥ୍ୟ, ଜୀବନଧାରଣ ଯୋଜନା ଇତ୍ୟାଦି ବିଷୟରେ କାର୍ଯ୍ୟାଳୟ ଠିକଣାରେ ପରିଷ୍କାର ଭାବେ ଡି.ଟି.ପି. କରି ମେଲ୍ eraindianet@gmail.com କିମ୍ବା WhatsApp-୯୪୩୮୦୮୧୦୦୬ ମାଧ୍ୟମରେ ପଠାଇବାକୁ ଅନୁରୋଧ। ● ଲେଖା ପ୍ରକାଶିତ ନହେଲେ ଫେରସ୍ତ କରାଯିବ ନାହିଁ। ● ପତ୍ରିକାକୁ ସରସ ସୁନ୍ଦର ପ୍ରକାଶନ ପାଇଁ ପାଠକମାନଙ୍କ ମୂଲ୍ୟବାନ ମତାମତ ସାଦର ସ୍ୱାଗତ। ● ପତ୍ରିକା ପ୍ରତି ଖଣ୍ଡର ମୂଲ୍ୟ ଟ.୨୫.୦୦ ବାର୍ଷିକ ଗ୍ରାହକ ଦେୟ ଟ.୧୦୦.୦୦ ଏବଂ ଆଜୀବନ ଗ୍ରାହକ ଦେୟ ଟ.୧୦୦୦.୦୦ ଧାର୍ଯ୍ୟ କରାଯାଇଛି। ଇ-ମେଲ ଠିକଣା ଇତ୍ୟାଦି ସ୍ପଷ୍ଟଭାବେ ଲେଖି ଧାର୍ଯ୍ୟ ଅର୍ଥ ନିମ୍ନ ଜମା ଖାତାରେ (S.B. A/c.) ପଇଠ କରି ତାହାର ନକଲ ଉପରୋକ୍ତ ଇ-ମେଲ କିମ୍ବା WhatsApp ରେ ପଠାଇବାକୁ ଅନୁରୋଧ।

**Bank Details :** Favour of Elders Recreation Activities Trust
S.B. A/c. No. 513310210000012, IFS Code - BKID0005133,
Bank of India, Chakeisiani Branch, Bhubaneswar.

# ବୋଉ

ନନ୍ଦକିଶୋର ଜେନା
ମୋ. ନଂ.- ୯୭୭୭୩୧୩୨୦୯

